APPENDIX A TO SCHEDULE III

# ଉଦଳା ଅଧିସୂଚିତ କ୍ଷେତ୍ର ପରିଷଦ

## ସଂଖ୍ୟା-୨୭୬ ପ୍ରେସ ବିଜ୍ଞପ୍ତି ତାରିଖ: ୧୦.୨.୨୦୨୨

ଉଦଳା ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନ ସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଉଦଳା ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଉଦଳା ଅଧିସୂଚିତ କ୍ଷେତ୍ର ପରି ଷ ଦ ର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ , ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରି ନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନ ସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡ ୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନଥାଏ, ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫର୍ମ ନଂ III ରେ ଦରଖାସ୍ତ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କ ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ଫର୍ମ ନଂ IV ରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରି ପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫର୍ମ ନଂ IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫର୍ମ ନଂ III ଓ ଫର୍ମ ନଂ IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫର୍ମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ୍ ଫଟୋ କପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରି ପାରିବେ ।

ସ୍ୱା/- ନିର୍ବାଚନ ଅଧିକାରା, ଉଦଳା ଅଧିସୂଚିତ କ୍ଷେତ୍ର ପରିଷଦ

# ଫର୍ମ II

( ନିୟମ 7 ଦ୍ରଷ୍ଟବ୍ୟ )

## ଦାବି ଓ ଆପତ୍ତି ଦାଏର କରିବା ପାଇଁ ନୋଟିସ୍

. . . . ଉଦଳା . . . . . ପୌର ପାଳିକା / ଅଧିସୂଚିତ କ୍ଷେତ୍ର ପରିଷଦର ୱାର୍ଡ ନଂ. ୧ ରୁ ୧୭ . . . . . . .ର ଭୋଟଦାତା ମାନଙ୍କର ପ୍ରାଥମିକ ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଯଥାବିଧି ପ୍ରକାଶ କରାଯାଇଅଛି ।

ଯେଉଁ ବ୍ୟକ୍ତିଙ୍କ ବୟସ ତା .୦୧/୦୧/୨୦୨୨ .ରିଖ ଦିନ ୧୮ ବର୍ଷରୁ କମ୍ ହୋଇନଥିବ ଏବଂ ସେ ଭୋଟଦାତା ହେବାପାଇଁ ଅନ୍ୟଥା ଅଯୋଗ୍ୟ ହୋଇନଥିବେ, ସେ ତାଙ୍କ ନାମ ଏହି ତାଲିକାରେ ଦରଜ କରାଇବାକୁ ହକ୍‌ଦାର ହେବେ ।

ଯେଉଁ ବ୍ୟକ୍ତି ଏହି ତାଲିକାରେ ତାଙ୍କ ନାମ ଦରଜ କରାହେବାପାଇଁ ଦାବି କରୁଥିବେ ଏବଂ ଯାହାଙ୍କ ନାମ ଏଥିରେ ଦରଜ କରାଯାଇନଥିବ କିମ୍ବା ସଠିକ୍ ସ୍ଥାନରେ ଦରଜ କରାଯାଇନଥିବ ବା ଭୁଲ୍ ବିବରଣୀ ସହ କରାଯାଇଥିବ, ସେ ତାଙ୍କ ନାମ ଦରଜ କରାଇବା ପାଇଁ ବା ତାଲିକା ସଂଶୋଧନ କରାଇବା ପାଇଁ ନିର୍ବାଚନ ଅଧିକାରୀଙ୍କ ଠାରେ ତାଙ୍କର ଦାବି ଉପସ୍ଥାପନ କରିପାରିବେ ।

ଯେଉଁ ବ୍ୟକ୍ତିଙ୍କ ନାମ ଏହି ତାଲିକାଭୁକ୍ତ ହୋଇଥିବ ଏବଂ ତାଙ୍କର ତାଲିକାଭୁକ୍ତ ନାମର ସଠିକତା ସଂକ୍ରାନ୍ତରେ ଆପତ୍ତି କରିବାକୁ ଥିବ ବା ତାଙ୍କ ନିଜ ନାମ କିମ୍ବା ତାଲିକାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିବା ସମ୍ବନ୍ଧରେ ଆପତ୍ତି କରାଇବାକୁ ଥିବ, ସେ ତାଙ୍କର ଆପତ୍ତି ନିର୍ବାଚନ ଅଧିକାରୀଙ୍କ ଠାରେ ଦାଖଲ କରିପାରିବେ ।

ଦାବିଗୁଡିକ ଫାରମ III ଓ ଆପତ୍ତିଗୁଡିକ ଫାରମ IVରେ ଦାଖଲ କରାଯିବ । ଦରଖାସ୍ତକାରୀଙ୍କୁ ଫାରମଗୁଡିକର କପି ବିନାମୂଲ୍ୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯୋଗାଇ ଦିଆଯିବ ।

ଦାବି ଓ ଆପତ୍ତି ଗୁଡିକ ବ୍ୟକ୍ତିଗତ ଭାବେ ଦାଖଲ କରାଯାଇ ପାରିବ କିମ୍ବା ଡାକଯୋଗେ ବା ବାର୍ତ୍ତାବାହକଙ୍କ ଦ୍ୱାରା ପଠାଯାଇ ପାରିବ । ସମସ୍ତ କ୍ଷେତ୍ରରେ ଏଗୁଡିକ ନିର୍ବାଚନ ଅଧିକାରୀଙ୍କ ଏହି ଠିକଣାରେ . . . . . . . . . . . . . . . . . . . . . . . . . . . . . . . . . . . . . . ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ଉଦଳା . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . .(ବିଶଦ ଠିକଣା ପ୍ରଦାନ କରନ୍ତୁ) ତା . . . . ୧୨/୦୨/୨୦୨୨ . . ରିଖ ସୁଦ୍ଧା କାର୍ଯ୍ୟ ଦିବସର ଧାର୍ଯ୍ୟ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ ।

ବ୍ୟକ୍ତିଗତଭାବେ ଅଥବା ବାର୍ତ୍ତାବାହକଙ୍କ ଦ୍ୱାରା ଦାଖଲ କାର୍ଯ୍ୟ କେବଳ କାର୍ଯ୍ୟ ଦିବସର ଧାର୍ଯ୍ୟ ସମୟ ମଧ୍ୟରେ କରାଯିବ ।

ଯେଉଁ ଦାବି ଓ ଆପତ୍ତିମାନ ଉପଯୁକ୍ତ ଫାରମରେ ଦାଖଲ କରାଯାଇନଥିବ କିମ୍ବା ଉପରୋକ୍ତ ତାରିଖ ଓ ସମୟ ମଧ୍ୟରେ କରାଯାଇନଥିବ, ସେଗୁଡିକୁ ଅଗ୍ରାହ୍ୟ କରାଯିବ ।

ଯଥାସମୟରେ ଓ ଉଚିତ ଫାରମ ମାଧ୍ୟମରେ ପ୍ରାପ୍ତ ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ତା . . . . ୧୮/୦୨/୨୦୨୨ . . ରିଖରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ଉଦଳା . . ସ୍ଥାନରେ କରାଯିବ ।

. . ନିର୍ବାଚନ ଅଧିକାରୀ

ତାରିଖ . . ୧୦.୦୨ . .

Eection Officer
Udala, Mayurbhanj

# ଭୋଟ ଗ୍ରହଣ କେନ୍ଦ୍ର ତାଲିକା

ଜିଲ୍ଲା: ମୟୁରଭଞ୍ଜ
ସବଡିଭିଜନ : କପ୍ତିପଦା
ଅଧିସୂଚିତ କ୍ଷେତ୍ର ପରିଷଦ: ଉଦଳା

ଅଧିସୂଚିତ କ୍ଷେତ୍ର ପରିଷଦ

| ୱାର୍ଡ ନଂ | ଭୋଟ ଗ୍ରହଣ କେନ୍ଦ୍ର/ବୁଥର ଅବସ୍ଥିତି | ଅନ୍ତର୍ଭୁକ୍ତ ଭୋଟ ଗ୍ରହଣ ଆଞ୍ଚଳ | ଆବଣ୍ଟିତ ଭୋଟରଙ୍କ କ୍ରମିକ ନଂ | ମନ୍ତବ୍ୟ ଯଦି କିଛି ଥାଏ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୦୧ | ଉଦଳା ୟୁ.ଜି.ଏମ୍.ଇ.ବିଦ୍ୟାଳୟ (ପୂର୍ବ) | ୱାର୍ଡ ନଂ-୦୧, କଚେରୀ, ହସପିଟାଲ, ବାଳିକା ବିଦ୍ୟାଳୟ | ୬୬୬-୧୧୬୮,୧୧୯୪, ୧୧୯୯-୧୨୦୬ | |
| ୦୨ | ନଗପାଳ ୟୁ.ଜି.ଏମ୍.ଇ.ବିଦ୍ୟାଳୟ (ଦକ୍ଷିଣ) | ୱାର୍ଡ ନଂ-୦୨, ନଗପାଳ ଅଂଶ | ୧-୮୫୫ | |
| ୦୩ | ନଗପାଳ ୟୁ.ଜି.ଏମ୍.ଇ.ବିଦ୍ୟାଳୟ (ଉତ୍ତର) | ୱାର୍ଡ ନଂ-୦୩, ନଗପାଳ ଅଂଶ | ୧-୧୦୨୪ | |
| ୦୪ | ଜାହିରା ପ୍ରା.ବିଦ୍ୟାଳାୟ, ୱାର୍ଡ ନଂ-୦୪ | ୱାର୍ଡ ନଂ-୦୪, ଶୁକ୍ରୁଦ୍ଧିବନ୍ଧ, ବାଳକ ବିଦ୍ୟାଳୟ | ୧-୪୩୮,୧୦୬୮,୧୦୭୧,୧୦୭୪, ୧୦୭୫,୧୦୭୭,୧୦୮୦,୧୦୮୩-୧୦୮୯,୧୦୯୧-୧୦୯୫,୧୦୯୭, ୧୦୯୯-୧୧୦୧,୧୧୦୩-୧୧୦୬ | |
| ୦୫ | ଉଦଳା ପ୍ରା.ବିଦ୍ୟାଳାୟ(ପୂର୍ବ) | ୱାର୍ଡ ନଂ-୦୫, ଉଦଳା ବଜାର, ଡାକଘର | ୪୪୦-୧୦୬୬, ୧୦୬୭,୧୦୬୯,୧୦୭୦,୧୦୭୨, ୧୦୭୩,୧୦୭୬, ୧୦୭୮,୧୦୭୯,୧୦୮୧-୧୦୮୨, ୧୦୯୦,୧୦୯୬,୧୦୯୮,୧୧୦୨, ୧୧୦୩,୧୧୦୭-୧୧୦୯ | |
| ୦୬ | ୱାର୍ଡ ନଂ-୦୬, ପ୍ରା.ବିଦ୍ୟାଳାୟ | ୱାର୍ଡ ନଂ-୦୬, ଯକ୍ତିଦା, | ୧-୮୫୫ | |
| ୦୭ | ଉଦଳା ପ୍ରା.ବିଦ୍ୟାଳାୟ(ପଶ୍ଚିମ) | ୱାର୍ଡ ନଂ-୦୭, ନାଗବଣୀ, | ୧-୮୯୬ | |
| ୦୮ | ମେଣ୍ଢାଖାଇ ୟୁ.ଜି.ଏମ୍.ଇ.ବିଦ୍ୟାଳୟ (ପୂର୍ବ) | ୱାର୍ଡ ନଂ-୦୮, ମେଣ୍ଢାଖାଇ ଅଂଶ | ୨୨୭-୧୨୫୫,୧୨୫୬,୧୨୫୯,୧୨୬୫,୧୨୭୧, ୧୨୭୪,୧୨୭୬,୧୨୮୭,୧୨୮୮,୧୨୯୩-୧୩୦୦,୧୩୦୨-୧୩୦୫, | |

| | | | |
|---|---|---|---|
| ୦୯ | ମେଣ୍ଢାଖାଇ ୟୁ.ଜି.ଏମ୍.ଇ.ବିଦ୍ୟାଳୟ (ପଶ୍ଚିମ) | ୱାର୍ଡ ନଂ ୦୯, ମେଣ୍ଢାଖାଇ ଅଂଶ, ଜିରିଡା, କୃଷକ ବଜାର | ୧-୨୨୬,୧୨୫୭-୧୨୫୮,୧୨୬୦-୧୨୬୪,୧୨୬୬-୧୨୭୦, ୧୨୭୨,୧୨୭୩,୧୨୭୫, ୧୨୭୭-୧୨୮୬, ୧୨୮୯-୧୨୯୨,୧୩୦୧, ୧୩୦୬,୧୩୧୦-୧୩୧୪ |
| ୧୦ | ଉଦଳା ୟୁ.ଜି.ଏମ୍.ଇ.ବିଦ୍ୟାଳୟ (ପଶ୍ଚିମ) | ୱାର୍ଡ ନଂ-୧୦,ମଠସାହି, ବସଷ୍ଟାଣ୍ଡ, ପଶୁ ଡାକ୍ତରଖାନା, ଗଉଡିଆ ମଠ | ୧-୬୬୫,୧୧୬୯-୧୧୯୩,୧୧୯୫-୧୧୯୮, ୧୨୦୭,୧୨୦୮ |
| ୧୧ | ଜଗନ୍ନାଥୀ ପ୍ରା.ବିଦ୍ୟାଳୟ | ୱାର୍ଡ ନଂ-୧୧, ଜଗନ୍ନାଥୀ | ୧-୯୮୦ |
| ୧୨ | ୱାର୍ଡ ନଂ-୧୨, ପ୍ରା.ବିଦ୍ୟାଳାୟ | ୱାର୍ଡ ନଂ-୧୨, ଜଗନ୍ନାଥୀ ଅଂଶ, ଜ୍ୟୋତି ନଗର | ୧-୧୧୪୬ |

ମୋଟ ୱାର୍ଡ ସଂଖ୍ୟା –୧୨

ମୋଟ ଭୋଟ ଗ୍ରହଣ କେନ୍ଦ୍ର/ବୁଥ ସଂଖ୍ୟା-୧୨

ମୋଟ ଭୋଟର ସଂଖ୍ୟା –୯୨୭୩

ତାରିଖ 10/07/2022

ନିର୍ବାଚନ ଅଧିକାରୀ
ଉଦଳା ଅଧିସୂଚିତ କ୍ଷେତ୍ର ପରିଷଦ
Eection Officer
Udala, Mayurbhanj

ବି.ଦ୍ର. : ଯାହାର ଯଦି କୌଣସି ଆପତ୍ତି ବା ଅଭିଯୋଗ ଥାଏ ସେମାନେ ତାଲିକା ପ୍ରକାଶନର ୩ ଦିନ ମଧ୍ୟରେ ତାହା ଦାଖଲ କରିବେ ।